### ରାସ୍ତାରେ ୫୦ ଟଙ୍କା ପକାଇ ୫ ଲକ୍ଷ ଲୁଟ୍ ଘଟଣା

## ସିସିଟିଭିରୁ ୪ ଅଭିଯୁକ୍ତ ଚିହ୍ନଟ

ବ୍ରହ୍ମପୁର,୧୮ ।୧୨(ସମିସ): ସୋମବାର ମଧ୍ୟାହ୍ନରେ ରାସ୍ତାରେ ଟଙ୍କା ପକାଇ ଗୋଷାଣିନୂଆଗାଁ ବଦ୍ରୀରାଜନଗର ନିବାସୀ ତଥା ଅବସରପ୍ରାପ୍ତ କର୍ମଚାରୀ ସୂର୍ଯ୍ୟ ନାରାୟଣ ସାହୁଙ୍କ ୫ଲକ୍ଷ ଭର୍ତ୍ତି ଟଙ୍କା ବ୍ୟାଗକୁ ଲୁଟି ନେଇଥିଲେ ଲୁଟେରା ଗ୍ୟାଙ୍ଗ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ବେଳେ ୪ଜଣିଆ ଲୁଟେରା ଗ୍ୟାଙ୍ଗର ପତ୍ତା ପାଇଛି। ଲୁଟ୍ ଉଦ୍ଦେଶ୍ୟରେ ସେମାନେ ବିଭିନ୍ନ ବ୍ୟାଙ୍କ ନିକଟରେ ଘୁରି ବୁଲୁଥିବା ସୂଚନା ମିଳିଛି। ସୋମବାର ସୂର୍ଯ୍ୟ ନାରାୟଣ ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇ ଲେଖାଲେଖି କରିବା ବେଳେ ଜଣେ ଲୁଟେରା ତାଙ୍କ ନିକଟରେ ଠିଆ ହୋଇ ଅନୁଧ୍ୟାନ କରୁଥିଲା।

ଅନ୍ୟଜଣେ ଲୁଟେରା ବାଇକ ଧରି ବ୍ୟାଙ୍କ ବାହାରେ ଅପେକ୍ଷା କରିଥିଲା। ଅନ୍ୟ ଦୁଇଜଣ ସହାୟତା କରିବାକୁ ବାଇକରେ ସ୍ଥିତି ଉପରେ ନଜର ରଖିଥିଲେ। ଗ୍ୟାଙ୍ଗରେ ମୋଟ ୪ଜଣ ଥିବା ପୁଲିସ ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଛି। ଯୋଜନାବଦ୍ଧ ଭାବେ ଲୁଟ୍ କରିଥିବାରୁ ଏହି ଗ୍ୟାଙ୍ଗ ପେସାଦାର ଏବଂ ବାହାରର ବୋଲି ପୁଲିସ ସନ୍ଦେହ କରୁଛି। ସହରର ବିଭିନ୍ନ ଛକରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ପୁଲିସ ଅଭିଯୁକ୍ତଙ୍କ ଗତିବିଧି ଯାଞ୍ଚ କରୁଛି।

ସୂଚନାଯୋଗ୍ୟ ଯେ, ସୋମବାର ସୂର୍ଯ୍ୟ ଗୋଷାଣିନୁଆଗାଁ ଏସବିଆଇ ଶାଖାରୁ ୫ଲକ୍ଷ ଟଙ୍କା ଉଠାଇ ଏକ ବ୍ୟାଗରେ ରଖି ବାଇକର ମିରର ନିକଟରେ ଝୁଲାଇ ଘରକୁ ଫେରୁଥିଲେ। ହରିହର ନଗର ଛକରେ ୨ଜଣ ଯୁବକ ଆସି ୫୦ଟଙ୍କା ତଳେ ଫିଙ୍ଗି ମଉସା ତୁମ ଟଙ୍କା ପଡ଼ିଗଲା ବୋଲି କହିଥିଲେ। ସୂର୍ଯ୍ୟ ଗାଡ଼ିକୁ ରାସ୍ତା କଡରେ ପାର୍କିଂ କରି ପଡ଼ିଥିବା ଟଙ୍କା ଉଠାଇବାବେଳେ ଟଙ୍କା ବ୍ୟାଗ ଧରି ଦୁର୍ବୃତ୍ତ ଚମ୍ପଟ ମାରିଥିଲେ।

### ଜାନୁଆରୀରୁ ଆରମ୍ଭ ହେବ 'ଏବିସି' କାର୍ଯ୍ୟକ୍ରମ

# ବେଙ୍ଗାଲୁରୁର 'ଆଶ୍ରା' କରିବ ବ୍ରହ୍ମପୁର ବୁଲାକୁକୁରଙ୍କ ବଂଶ ନିୟନ୍ତ୍ରଣ

ବ୍ରହ୍ମପୁର, ୧୮ ।୧୨ (ସମିସ): ବ୍ରହ୍ମପୁର ସହରର ବୁଲାକୁକୁରଙ୍କ ବଂଶ ନିୟନ୍ତ୍ରଣ କରିବ ବେଙ୍ଗାଲୁରୁର 'ଆଶ୍ରା' ନାମକ ସଂସ୍ଥା। ଏନେଇ ଟେଣ୍ଡର ଜରିଆରେ ସମ୍ପୃକ୍ତ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ବ୍ରହ୍ମପୁର ସହରରେ ଖୁବ୍‌ଶୀଘ୍ର ଅର୍ଥାତ୍ ଆସନ୍ତା ଜାନୁଆରୀରୁ ଆନିମଲ ବାର୍ଥ କଣ୍ଟ୍ରୋଲ ବା 'ଏବିସି' ଉର୍ଦ୍ଧ୍ୱ ବ୍ୟକ୍ତି ଶୀକାର ହୋଇଛନ୍ତି। ଯାହାକୁ ନେଇ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ସହରବାସୀ ସିଧାସଳଖ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଏନେଇ ଦାୟୀ କରିଛନ୍ତି। ଏଭଳି ପରିସ୍ଥିତିରେ ବିଳମ୍ବରେ ହେଲେ ମଧ୍ୟ ବିଏମସି କର୍ତ୍ତୃପକ୍ଷ ସହରରେ 'ଏବିସି' ବା ଆନିମଲ ବାର୍ଥ କଣ୍ଟ୍ରୋଲ କାର୍ଯ୍ୟକ୍ରମକୁ



### ସହରର ସବୁ ଶିକ୍ଷାନୁଷ୍ଠାନ ହେବ ବୁଲାକୁକୁର ମୁକ୍ତ ଅଞ୍ଚଳ: କମିସନର

କାର୍ଯ୍ୟକ୍ରମ ଆରମ୍ଭ ହେବ। ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ସହରର ସମସ୍ତ ଶିକ୍ଷାନୁଷ୍ଠାନକୁ କୁକୁର ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯିବ ବୋଲି ସୂଚନା ଦେଇଛନ୍ତି ବିଏମସି କମିସନର। ଗତ ଦୁଇ ସପ୍ତାହ ମଧ୍ୟରେ କୁକୁର କାମୁଡ଼ାରେ ସହରର ବିଭିନ୍ନ ଅଞ୍ଚଳରେ ପ୍ରାୟ ୩୦ରୁ ଆରମ୍ଭ କରି କୁକୁରଙ୍କ ବନ୍ଧ୍ୟାକରଣ କରି ସେମାନଙ୍କ ବଂଶ ନିୟନ୍ତ୍ରଣ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଯାହା ସହରବାସୀଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। ସହରରେ ବୁଲା କୁକୁରଙ୍କ ସଂଖ୍ୟା ୫୩୪୧ ଗଣନା କରାଯାଇଥିବା ବେଳେ ଏବିସି କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ଏଥିପାଇଁ ଭିତ୍ତିଭୂମିର ବିକାଶ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ବିଏମସି କର୍ତ୍ତୃପକ୍ଷ। କୁକୁରଙ୍କୁ ଧରିବା ଠାରୁ ଆରମ୍ଭ କରି ସେମାନଙ୍କ ସୁରକ୍ଷିତ ବନ୍ଧ୍ୟାକରଣ, ସେମାନଙ୍କୁ ସୁସ୍ଥ ପର୍ଯ୍ୟନ୍ତ ଡଗ୍ କେନାଲରେ ରଖି ଚିକିତ୍ସା କରିବା ଓ ଶେଷରେ ସେମାନଙ୍କୁ ପୁଣି ନିଜ ସ୍ଥାନରେ ଛାଡିବା ଆଦି ସମସ୍ତ କାର୍ଯ୍ୟ କରାଯିବ। ଏଥିପାଇଁ ପ୍ରତ୍ୟେକ କୁକୁରଙ୍କ ପିଛା ୧୮ ଶହ ଟଙ୍କା ଖର୍ଚ୍ଚ କରିବାକୁ ସ୍ଥିର କରାଯାଇଛି। ସେପଟେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସହରର ସମସ୍ତ ଶିକ୍ଷାନୁଷ୍ଠାନକୁ ବୁଲାକୁକୁର ମୁକ୍ତ ଅଞ୍ଚଳ କରିବାକୁ ମଧ୍ୟ ବିଏମସି ପଦକ୍ଷେପ ଗ୍ରହଣ କରିଛି। ଏନେଇ ସମସ୍ତ ସ୍କୁଲ ଓ କଲେଜ କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରାଯାଇଛି। କୁକୁରଙ୍କ ପ୍ରବେଶକୁ ରୋକିବାକୁ ସେମାନଙ୍କ ପକ୍ଷରୁ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେନେଇ ଜବାବ ତଲବ କରାଯାଇଛି। ଏପରିକି ଏକ ସ୍ୱତନ୍ତ୍ର କମିଟି କରି ଏହାର ସ୍ୱତନ୍ତ୍ର ସର୍ଭେ ମଧ୍ୟ କରି ତଥ୍ୟ ସଂଗ୍ରହ କରାଯାଇଛି। କୁକୁରଙ୍କ ଯୋଗୁଁ ଯେଭଳି କୌଣସି ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀ ଶୀକାର ନହୁଅନ୍ତି ସେଥିପ୍ରତି ନିଗମ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଶିକ୍ଷାନୁଷ୍ଠାନଗୁଡ଼ିକୁ ବୁଲା କୁକୁର ମୁକ୍ତ ଅଞ୍ଚଳ ଭାବେ ପରିଗଣିତ କରିବା ଉପରେ ଗୁରୁତ୍ୱ ଦିଆଯାଉଥିବା କହିଛନ୍ତି କମିସନର।

## ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ନାମରେ ପ୍ଲାନେଟାରିୟମ୍ ଓ ପ୍ରତିମୂର୍ତ୍ତି ସ୍ଥାପନ ଦାବି



ବ୍ରହ୍ମପୁର,୧୮ ।୧୨(ସମିସ): ଜ୍ୟୋତିଷ ବିଶାରଦ ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ୧୧୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଅଯୋଧ୍ୟା ନଗର ପ୍ରଥମ ଲାଇନରେ ଥିବା କଲ୍ୟାଣ ମଣ୍ଡପରେ ଆୟୋଜକ ପରିଷଦର ସଭାପତି ପ୍ରିତି ମୋହନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଯୋଗଦେଇ ଜ୍ୟୋତିଷ ଶାସ୍ତ୍ରରେ ପଣ୍ଡିତ ମହାପାତ୍ରଙ୍କ ଭୂମିକାକୁ ସ୍ମରଣ କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ପ୍ରଫେସର ବିଷ୍ଣୁ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରବି ରଥ, ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ଓ ଡ. ଡମ୍ବରୁଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସହରରେ ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ନାମରେ ପ୍ଲାନେଟାରିୟମ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ କାର୍ଯ୍ୟକ୍ରମରେ ଦାବି ହୋଇଥିଲା। ଏହା ସହ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଜ୍ୟୋତିଷ ବିଦ୍ୟାକୁ ସ୍ଥାନିତ କରିବା, ପଣ୍ଡିତଙ୍କ ନାମରେ ପଦାର୍ଥ ବିଜ୍ଞାନରେ ଏକ ଚେୟାର ସ୍ଥାପନ ଇତ୍ୟାଦି ପ୍ରସ୍ତାବ ଗ୍ରହଣ କରାଯାଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନାରେ ସତ୍ୟ କମଳ ପାଣିଗ୍ରାହୀ, ଆଇନଜୀବୀ ଶିବପ୍ରସାଦ ମିଶ୍ର, ନାରାୟଣ ମହାପାତ୍ର ଓ ଏଲଏନ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ସେବା ଟ୍ରଷ୍ଟ ପକ୍ଷରୁ ଶୀତ ମହୋତ୍ସବ



ବ୍ରହ୍ମପୁର,୧୮ ।୧୨(ସମିସ): ସ୍ଥାନୀୟ ଗଞ୍ଜାମ କଳା ପରିଷଦରେ ସେବା ଟ୍ରଷ୍ଟ ପକ୍ଷରୁ ଶୀତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ ଯୋଗଦେଇ ବ୍ରହ୍ମପୁରର କଳାକାର କିଭଳି ସର୍ବଭାରତୀୟ ସ୍ତରରେ ଓ ଦେଶବିଦେଶରେ ସୁନାମ ଅର୍ଜନ କରିବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ବିଜେପି ସଭାପତି ସରୋଜ କୁମାର ସାବତ, ଚନ୍ଦ୍ରଶେଖର ଗୌଡ ଓ ନାଳନ୍ଦାଶ୍ରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ କାଳୀ ଚରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଷ୍ଠାତା ଡ଼. ସିଦ୍ଧେଶ୍ୱର ପଣ୍ଡା ଉତ୍ସବର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ସିଦ୍ଧିରଞ୍ଜନ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଶେଷରେ ଅନୁଷ୍ଠାନର ଉପସଭାପତି ବାଦଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ମହାନ୍ତୁଡ, ଡ. ମିହିର ତ୍ରିପାଠୀ, ଉଷାରାଣୀ ମହାପାତ୍ର, ଅନିଲ ପାତ୍ର ଓ କାହ୍ନୁ ରାଉତ ପ୍ରମୁଖ ପରିଚାଳନା କରଥିଲେ।

## କଂଗ୍ରେସର ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ବ୍ରହ୍ମପୁର,୧୮ ।୧୨(ସମିସ): ସ୍ଥାନୀୟ କଂଗ୍ରେସ ଭବନ 'ବାପୁଜୀ ଆଶ୍ରମ' ପରିସରରେ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବପ୍ରତିଭାଙ୍କୁ ଦେଶର ସୁରକ୍ଷାର ଜାତୀୟ ସ୍ରୋତରେ ସାମିଲ ପାଇଁ ଏଆଇସିସିର ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଜୋନ୍‌ସ୍ତରୀୟ ଜାତୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ପୂର୍ବତନ ବିଧାୟକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଲଲାଟେନ୍ଦୁ




ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ଭୋଟ୍ ଚୋରି ଓ ବେକାରୀ ସମସ୍ୟାର ସମାଧାନ ଉପରେ ଯୁବପ୍ରତିଭାମାନେ ମତ ରଖିଥିଲେ। ବିଚାରକ ଭାବେ ଦକ୍ଷିଣାଞ୍ଚଳ ଜୋନ୍ ସଂଯୋଜକ ଭୋକାଲି ସେଠୀ ଏବଂ ବରିଷ୍ଠ ସାମ୍ବାଦିକ ରବି ରଥ ଯୋଗ ଦେଇଥିଲେ। ଗୋପାଳପୁରର ପୂର୍ବତନ ବିଧାୟକ ଡ଼ା. ତ୍ରିନାଥ ବେହେରା, ବିକ୍ରମ ପୁରୋହିତ, ଆଦିତ୍ୟ କୁମାର ସ୍ୱାଇଁ, ଯୋଗେଶ ଓ ହୀନା କୁମାରୀ ଲିମା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ବିଏମ୍‌ସି ବୈଠକ

# ପ୍ରସ୍ତାବିତ 'ଗିରି ମାର୍କେଟ' କମ୍ପ୍ଲେକ୍ସ ପ୍ରକଳ୍ପ ଅନୁମୋଦିତ

ବ୍ରହ୍ମପୁର,୧୮ ।୧୨(ସମିସ): ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସହରରେ ଏକ ବହୁତଳ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଦୀର୍ଘ ୪ବର୍ଷ ପୂର୍ବେ ଭଙ୍ଗାଯାଇଥିବା ପୁରୁଣା ଗିରିମାର୍କେଟ ଜମିରେ ଏହି ବହୁତଳ ବିଶିଷ୍ଟ କୋଠା ନିର୍ମାଣ ହେବ। ପୂର୍ବତନ ରାଷ୍ଟ୍ରପତି ଭିଭି ଗିରିଙ୍କ ନାମରେ ବୈଠକରେ କର୍ପୋରେଟରମାନେ ମତ ପ୍ରକାଶ କରିଥିଲେ। ପ୍ରକଳ୍ପ ପାଇଁ ବିଏମସି ପକ୍ଷରୁ ମୋଟ ୩୮କୋଟି ୩୭ଲକ୍ଷ ୮୭ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଜଣାପଡିଛି। ବିଏମସିର ସତ୍ୟନାରାୟଣପୁର ମୌଜାର ଖାତା ନମ୍ବର ୪୯ରେ ଅବସ୍ଥିତ ମୋଟ ୧.୯୬୧ଏକର ଥିବା ମୋଟ ୧୧୭ଜଣ ଦୋକାନୀଙ୍କୁ ନୂତନ କୋଠା ନିର୍ମାଣ ପରେ ଥଇଥାନ ପାଇଁ ପ୍ରାଥମିକତା ଦିଆଯିବ ବୋଲି କମିସନର ସୂଚନା ଦେଇଥିଲେ। ଏଥିପାଇଁ 'ଓୟୁଆଇଡିଏଫ୍' ବା ଓଡିଶା ଅର୍ବାନ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ ଯାହା ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗର ଉନ୍ନୟନ



ନାମିତ ହୋଇଥିବା ବ୍ରହ୍ମପୁର ସହରର ଅନ୍ୟତମ ପରିଚୟ ପ୍ରଦାନ କରୁଥିଲା ଗିରିମାର୍କେଟ। ଉକ୍ତ ପ୍ରାୟ ୨ ଏକର ପରିମିତ ଜମିରେ ବିଏମସି କର୍ତ୍ତୃପକ୍ଷ ଏହି ବହୁକୋଟି ଟଙ୍କାର ପ୍ରକଳ୍ପକୁ ପିପିପି ମୋଡରେ ପ୍ରତିଷ୍ଠା କରିବାକୁ ଯୋଜନା ରଖିଥିଲେ। ତେବେ ଏହା ଦ୍ୱାରା ନିଗମକୁ କ୍ଷତି ସହିବାକୁ ପଡିବାର ଆଶଙ୍କା କରାଯାଇଛି। ଏଣୁ ପିପିପି ମୋଡରେ ନୁହେଁ ବରଂ ଋଣ ନେଇ ବିଏମସି ନିଜେ ଏହି ପ୍ରକଳ୍ପ କରିବାକୁ ଯୋଜନା ରଖିଛି। ଏଥିପାଇଁ ଦୀର୍ଘଦିନରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ପ୍ରକଳ୍ପ ପାଇଁ କର୍ପୋରେସନ ବୈଠକର ଅନୁମୋଦନ ଜରୁରୀ। ଏଥିପାଇଁ ଗୁରୁବାର ନିଗମର ସ୍ୱତନ୍ତ୍ର କର୍ପୋରରେସନ ବୈଠକ ଡକାଯାଇଥିଲା। ଯେଉଁଥିରେ କେବଳ ଗିରିମାର୍କେଟ ପ୍ରକଳ୍ପ ପାଇଁ ଏଜେଣ୍ଡା ରଖାଯାଇ ଆଲୋଚନା କରାଯାଇଥିଲା। ମେୟର ସଂଘମିତ୍ରା ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକର ପ୍ରାରମ୍ଭରେ କର୍ପୋରେଟରଙ୍କ ଅବଗତି ନିମନ୍ତେ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ପ୍ରକଳ୍ପର ଡିପିଆର ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ। ଯାହାକୁ ନେଇ ଆଲୋଚନା ପରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଉପରେ ସହମତି ପ୍ରକାଶ ପାଇବା ସହ ଅନୁମୋଦନ କରାଯାଇଥିଲା। ପିପିପି ମୋଡରେ ବିଏମବସି ଏହି ବହୁକୋଟି ଟଙ୍କାର ପ୍ରକଳ୍ପ କଲେ ନିଗମର ବହୁ କ୍ଷତି ହେବ। ନିଜସ୍ୱ ବହୁମୂଲ୍ୟ ଜମିକୁ ଅନ୍ୟ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ପଡିବ। ଏଭଳି ବିଏମସି ପିପିପି ମୋଡରେ ଅନେକ ଭୁଲ ନିଷ୍ପତ୍ତି ନେଇ କ୍ଷତି ସହୁଥିବା ବେଳେ ଆଉ ସେଭଳି ଭୁଲ ନଦୋହରାଇବାକୁ



- ପିପିପି ନୁହେଁ, 'ଓୟୁଆଇଡିଏଫ୍'ର ଋଣ ଟଙ୍କାରେ ନିର୍ମାଣ ହେବ
- ପୁରୁଣା ପନିପରିବା ଓ ଆମିଷ ବଜାରକୁ ମିଶାଇ ଡିପିଆର ପ୍ରସ୍ତୁତ କରିବାକୁ ପରାମର୍ଶ
- ଡିପିଆର ପରିବର୍ତ୍ତନ ହେଲେ ବଢ଼ିପାରେ ବ୍ୟୟ ଅଟକଳ ସହ ଋଣ ପରିମାଣ

ଜମିରେ ପୂର୍ବରୁ ଗିରିମାର୍କେଟ ଥିଲା। ତେବେ ବର୍ତ୍ତମାନ ମୋଟ ଜମିର କେବଳ ୪୩୭୨ବର୍ଗ ମିଟର ଜମିରେ ନୂତନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବାକୁ ଥିବା ସେ ସୂଚନା ଦେଇଥିଲେ। କମ୍ପ୍ଲେକ୍ସଟି ୩ମହଲା ବିଶିଷ୍ଟ ହେବାକୁ ଥିବାବେଳେ ଭୂତଳ ପାର୍କିଂ ଓ ସ୍ୱତନ୍ତ୍ର ଅଗ୍ନି ନିର୍ବାପକ ବ୍ୟବସ୍ଥା ରହିବ। କୋଠାରେ ପ୍ରାୟ ୨୯୨ଟି ଦୋକାନ ଗୃହ କରାଯିବାକୁ ଥିବା ବେଳେ ପୂର୍ବରୁ ଗିରିମାର୍କେଟରେ ବିଭାଗ ଅଧିନସ୍ଥ ଏକ ସଂସ୍ଥା ସେଥିରୁ ୪୦କୋଟି ଟଙ୍କା ଋଣ ଆଣି ବିଏମସି ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହାତକୁ ନେବ ବୋଲି ଜଣାପଡିଛି। ପୂର୍ବରୁ ଉଭୟ ବିଏମସି ଓ ବିଡିଏ 'ଓୟୁଆଇଡିଏଫ୍' ଠାରୁ ଋଣ ଆଣି ଅନେକ ପ୍ରକଳ୍ପ ସହରରେ ତଥା ସହର ବାହାରେ ମଧ୍ୟ କରିସାରିଛନ୍ତି। ଏନେଇ ନିକଟରେ ବିଡିଏ ସମ୍ମିଳନୀ କକ୍ଷରେ ଉପାଧ୍ୟକ୍ଷ ତଥା ବିଏମସି କମିସନର ପ୍ରଥମେଶ ଅରବିନ୍ଦ ରାଜେସିର୍କେଙ୍କ ଅଧ୍ୟକ୍ଷତାରେ ପ୍ଲାନିଂ ମେମ୍ବର ତଥା ବିଏମସି ସିଟି ଇଂଜିନିୟର ମନୋଜ ପାତ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ 'ଓୟୁଆଇଡିଏଫ୍'ର ୩ଜଣ କନସଲଟାଣ୍ଟଙ୍କ ସହ ଆଲୋଚନା ହୋଇସାରିଛି। ତେବେ ଆଜିର ବୈଠକରେ କେବଳ ୪୩୭୨ବର୍ଗ ମିଟର ଜମିରେ ନୁହେଁ ବରଂ ପୁରୁଣା ଗିରିମାର୍କେଟରେ ଥିବା ଉଭୟ ପନିପରିବା ଓ ଆମିଷ ମାର୍କେଟ ଜମିରେ ମଧ୍ୟ କମ୍ପ୍ଲେକ୍ସ ନିର୍ମାଣ କରି ପାର୍କ ସାହି ପଟୁ ରାସ୍ତା ସଂଯୋଗ କରାଗଲେ ଅଧିକ ଭଲ ହୋଇପାରିବ ବୋଲି ବହୁ କର୍ପୋରେଟର ମତ ଦେଇଥିଲେ। ଯାହାକୁ ଉଭୟ ମେୟର ଓ କମିଶନର ମଧ୍ୟ ସ୍ୱାଗତ କରିଥିଲେ। ତେବେ ଏଥିପାଇଁ ପୁନଃ ଡିପିଆର ପ୍ରସ୍ତୁତ କରିବାକୁ ପଡିବ ଏବଂ ଏଥିପାଇଁ ବ୍ୟୟ ଅଟକଳ ମଧ୍ୟ ୪୦କୋଟିରୁ ଅଧିକ ହେବାର ଆଶଙ୍କା ଥିବା କହିଛନ୍ତି କମିସନର। ଆବଶ୍ୟକ ସ୍ଥଳେ ଏନେଇ ପୁନଃ ଡିପିଆର ପ୍ରସ୍ତୁତ କରି ବର୍ଦ୍ଧିତ ବ୍ୟୟ ଅଟକଳକୁ ନେଇ ଋଣ ପାଇଁ ଯୋଜନା କରାଯିବ ବୋଲି କହିଛନ୍ତି ଉଭୟ ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଓ କମିସନର ପ୍ରଥମେଷ ଅରବିନ୍ଦ ରାଜେଶିର୍କେ।



# କୁଜାସିଂ ପ୍ରାଥମିକ ବିଦ୍ୟାଳୟ ଅନ୍ତେବାସୀଙ୍କ ଅସରନ୍ତି ଦୁଃଖ

ଗୁମ୍ମା,୧୮ ।୧୨(ସମିସ)





## ଛାତ୍ରଙ୍କ ପାଇଁ ନାହିଁ ହଷ୍ଟେଲ; ଚଟାଣରେ ଶୋଉଛନ୍ତି

## ଝାଟିମାଟି ଘରେ ରୋଷେଇ; ପଡ଼ିଆ ପାଲଟିଛି ଡାଇନିଂ ହଲ୍

୧୯୮୯ ମସିହାରୁ ଜିଲ୍ଲା ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସରେ ୪୦ଜଣ ଆଦିବାସୀ ଛାତ୍ର ରହୁଛନ୍ତି। ସୂଚନା ଅନୁସାରେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ କୁଜାସିଂ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଙ୍କ ପାଇଁ ନାହିଁ ହଷ୍ଟେଲ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିବା ବ୍ୟବସ୍ଥା କରିଛନ୍ତି ସରକାର କିନ୍ତୁ ଏଠାରେ ଆବଶ୍ୟକ ଭିତ୍ତିଭୂମୀ ଅଭାବ ଚରମ ସୀମାରେ। ପିଲାମାନେ ଦୟନୀୟ ଅବସ୍ଥାରେ ବର୍ଷ ବର୍ଷ ନାହିଁ ନଥିବା ସମସ୍ୟା ଦେଇ ଗତି କରୁଛନ୍ତି। ପିଲାମାନେ ଶୀତ କାକରରେ ଛାତ୍ରାବାସର ନିଜସ୍ୱ ଗୃହ ନଥିବାରୁ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ କକ୍ଷରେ ରାତ୍ରୀ ଯାପନ କରୁଛନ୍ତି। ଅସହ୍ୟ ଥଣ୍ଡାରେ ବିନା ଖଟ, ଗଦିରେ ଚଟାଣରେ ଛପା ପାରି ଶୋଉଥିବା ଦେଖିବାକୁ ମିଳିଛି। ସରକାର ପିଲାଙ୍କ ପାଇଁ ଖଟ ଦେଇଛନ୍ତି। କିନ୍ତୁ ୪୦ ପିଲାଙ୍କ ପାଇଁ ୨୦ ଖଟ ଦିଆଯାଇଛି। ଗୋଦାମ ଗୃହରେ ପଡି ଖତ ଖାଉଛି। ସେହିପରି ଗୋଦାମ ଗୃହରେ ଚାଉଳ, ଖଟ, ଗଦି, ଗ୍ରାଇଣ୍ଡର, ୱାସିଙ୍ଗ ମେସିନ,ଟିଭି ସହ ଛାତ୍ରାବାସ ଅଧିକ୍ଷଙ୍କ ରହଣି ସ୍ଥାନ ପାଲଟିଛି। ଶ୍ରେଣୀ ଚାଲିଥିବା ବେଳେ କୌଣସି ଅନ୍ତେବାସୀଙ୍କ ଦେହ ଖରାପ ହେଲେ ଗୋଦାମ ଘର ହିଁ ସାହାଭରଷା। କାରଣ ନିଜସ୍ୱ କୋଠା ନଥିବାରୁ ପିଲାଙ୍କୁ ରହିବା ପାଇଁ ସ୍ଥାନ ନାହିଁ। ବିଦ୍ୟାଳୟରେ ଭଲ ରୋଷେଇ ଘର ନଥିବା ବେଳେ ଝାଟି ମାଟି ଘରେ ପିଲାଙ୍କ ପାଇଁ ରୋଷେଇ ପ୍ରସ୍ତୁତ କରିବା ସହ ଖୋଲା ପଡ଼ିଆରେ ଖାଇବାକୁ ପଡୁଛି ବୋଲି କହିଛନ୍ତି ଛାତ୍ର। ଅନେକ ଅବ୍ୟବସ୍ଥା ଥିବା ଏହି ସରକାରୀ ଛାତ୍ରାବାସର ସମସ୍ୟାକୁ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ,ଜିଲ୍ଲା ମଙ୍ଗଳ ଅଧିକାରୀ ଓ ବ୍ଲକ ମଙ୍ଗଳ ଅଧିକାରୀ ଜାଣି ଶୁଣି ଚୁପଚାପ ରହିଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏନେଇ ୧୯୮୯ ମସିହାରୁ ଲୋକେ ଦାବି କରି ଆସୁଥିଲେ ମଧ୍ୟ କେବଳ ସ୍ଥାନ ନିରୁପଣ ହୋଇଛି କିନ୍ତୁ ଛାତ୍ରାବାସ ନିର୍ମାଣ ହୋଇପାରି ନଥିବାରୁ ଚିନ୍ତାର ବିଷୟ ପାଲଟିଛି। ପରିଚାଳନା ଗତ ତ୍ରୁଟି ହେଉ କି ନିରୀକ୍ଷଣ ଅଭାବରୁ ଏହି ଛାତ୍ରାବାସର ବିକାଶ ଓ ଭିତ୍ତିଭୂମୀ ନିର୍ମାଣ ନହେବା ସରକାରଙ୍କ ମହତ ଉଦ୍ଦେଶ୍ୟ ପ୍ରତି କୁଠାରଘାତ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଏନେଇ ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ସଲମନ ରାଇକା ଛାତ୍ର ଆବସ ପାଇଁ ଜାଗା ଚିହ୍ନଟ ହୋଇଛି ଖୁବଶୀଘ୍ର ଗୃହ ନିର୍ମାଣ କରାଯିବ ବୋଲି କହିଛନ୍ତି।

## ଖଳାରେ ନିଆଁ ଲାଗି ଧାନ ନଷ୍ଟ



ମୋହନା,୧୮ ।୧୨(ସମିସ): ଧାନ ଖଳାରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଅମଳ ଧାନ ଫସଲ ନଷ୍ଟ ହୋଇଯାଇଛି। ଏଭଳି ଘଟଣା ଘଟିଛି ମୋହନା ଥାନା ଅନ୍ତର୍ଗତ କାଳିଆପଟା ଗ୍ରାମରେ। ଗୁରୁବାର ଅପରାହ୍ନ ସମୟରେ ଗ୍ରାମର ତ୍ରିନାଥ ଦଳାଇ ଓ ମହେଶ୍ୱର ଦଳାଇଙ୍କ ଧାନ ଖଳାରେ ନିଆଁ ଲାଗିଯାଇଥିଲା। ଚାହୁଁ ଚାହୁଁ ନିଆଁ ଆଁରେ ତିନି ଗଦା ଅମଳ ଧାନ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ମୋହନା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ନିଆଁ ଲାଗିବାର କାରଣ ଜଣାପଡ଼ିନାହିଁ।

## ପୋଖରୀରେ ବୁଡ଼ି ୫ବର୍ଷର ଶିଶୁ ମୃତ

ପାରଳାଖେମୁଣ୍ଡି/ଗୁମ୍ମା,୧୮ ।୧୨(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ଗୁମ୍ମା ବ୍ଲକ ଜୀବା ଗ୍ରାମରେ ଜଣେ ବାଳକ ପୋଖରୀରେ ବୁଡି ପ୍ରାଣ ହରାଇଛି। ମୃତ ଶିଶୁଙ୍କ ନାମ ରାହୁଲ ପ୍ରଧାନ (୫)। ଥାନାରେ ଅଭିଯୋଗ ପ୍ରକାରେ ଗତକାଲି ସନ୍ଧ୍ୟାରୁ ସେ ନିଖୋଜ ଥିଲା। ପରିବାର ଲୋକେ ଏବଂ ଗ୍ରାମବାସୀ ବହୁ ଖୋଜାଖୋଜି କରି ଖୋଜଖବର ପାଇନଥିଲେ। ପୋଖରୀରେ ମୃତଦେହ ଭାସୁଥିବାର ଜଣେ ମାଛଧରାଳୀ ଦେଖି ଖବର ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ରାତିରେ ଶବକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ଅଣାଯାଇଥିଲା। ଆଜି ଶବ ବ୍ୟବଚ୍ଛେଦ ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ନିର୍ବାଚନ ସଂସ୍କାର ସମ୍ବନ୍ଧୀୟ ଆଲୋଚନାଚକ୍ର

ଜି.ଉଦୟଗିର,୧୮ ।୧୨(ସମିସ): ଜି.ଉଦୟଗିରି ଶ୍ରୀରାମପଦା ମିଶନ ଶକ୍ତି ଗୃହରେ ଆଜି ବିଜେପି ତରଫରୁ ନିର୍ବାଚନ ସଂସ୍କାର(ଏସଆଇଆର) ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ କିପରି ସଂସ୍କାର ଆସିପାରିବ ତାହାକୁ ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସନ୍ତୋଷ ଲେଙ୍କା, ସାଂସଦ ପ୍ରତିନିଧି ଆମରସିଂହ ନାୟକ, ବରିଷ୍ଠ ସଭ୍ୟ ପ୍ରିୟବ୍ରତ ସାହୁ, ମାୟାବନ୍ଧୁ ପ୍ରଧାନ, ଅନ୍ତର୍ଯ୍ୟାମୀ ମଲିକ, ନବ କିଶୋର ପ୍ରଧାନ, ଜ୍ଞାନ ଚନ୍ଦ୍ର ପ୍ରଧାନ, ରାଧା ମୋହନ ପ୍ରଧାନ, ମହାନ୍ଦା ପ୍ରଧାନ, ସନାତନ ଦିଗାଳ ଓ ଅବୋଲାକର ପ୍ରଧାନ ଯୋଗ ଦେଇଥିଲେ।

## ପାଣିଙ୍ଗିଆରେ ପ୍ରାକ୍ ବଡ଼ଦିନ ପାଳିତ



ଟିକାବାଲି,୧୮ ।୧୨(ସମିସ): ଟିକାବାଲି ବ୍ଲକ ପାଣିଙ୍ଗିଆରେ ଟିକାବାଲି ପାଳକ ୟୁନିଅନ ଆନୁକୂଲ୍ୟରେ ୨୦୨୫ ବର୍ଷ ପାଇଁ ପ୍ରାକ୍ ବଡ଼ଦିନ ଆନନ୍ଦ ମହୋତ୍ସବ ପାଳିତ ହୋଇଯାଇଛି। ଏହି ମହୋତ୍ସବରେ ଟିକାବାଲି ଏବଂ ଚକାପାଦ ବ୍ଲକର ବିଭିନ୍ନ ଗ୍ରାମରୁ ୧ ହଜାରରୁ ଊର୍ଦ୍ଧ୍ୱ ଖ୍ରୀଷ୍ଟ ବିଶ୍ୱାସୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ସଭାପତି ରମେଶ ଦିଗାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ପାଷ୍ଟର ୟୁନିଅନର ସମ୍ପାଦକ ନିରଞ୍ଜନ ଦିଗାଳ ଏହାକୁ ପରିଚାଳନା କରିଥିଲେ। ମୁଖ୍ୟ ପ୍ରଚାରକ ଭାବେ ଉପେନ୍ଦ୍ର ପରିଛା ଯୋଗଦେଇ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମ ରହସ୍ୟ ଏବଂ ଜୀବନର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଶେଷ ଅଧିବେଶନରେ ବିଭିନ୍ନ ମଣ୍ଡଳୀରୁ ଆସିଥିବା ଯୁବକ/ଯୁବତୀ ମନୋଜ୍ଞ ନୃତ୍ୟ ଓ ସଂଗୀତ ପରିବେଷଣ କରି ସମଗ୍ର ପରିବେଶକୁ ଉତ୍ସବମୁଖର କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଷ୍ଟର ବାବୁଲି ଦିଗାଳ, ସୁଧୀର ଦିଗାଳ, ଦାରାସିଂ ଦିଗାଳ ଓ ଉପେନ୍ଦ୍ର ପରିଛାଙ୍କ ସମେତ ପାଷ୍ଟର ୟୁନିଅନର ସମସ୍ତ ସଦସ୍ୟ ଏବଂ ସ୍ଥାନୀୟ ଯୁବ ଖ୍ରୀଷ୍ଟପ୍ରେମୀ ସହଯୋଗ କରିଥିଲେ।

## ବିଧାନସଭାସ୍ତରୀୟ ସାଂସଦ ଖେଳ ମହୋତ୍ସବ




ଜି.ଉଦୟଗିରି,୧୮ ।୧୨(ସମିସ): ଜି.ଉଦୟଗିରି ହାବାକ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବିଧାନସଭାସ୍ତରୀୟ ସାଂସଦଙ୍କ ଖେଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶିଷ ଗୌରବ କରଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଦାରିଙ୍ଗିବାଡ଼ି,ଜି ଉଦୟଗିରି ବ୍ଲକ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଟିକାବାଲି, ରାଇକିଆ ଆଦି ବିଭିନ୍ନ ବ୍ଲକରୁ ବହୁ କ୍ରୀଡ଼ାବିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଥିଲେ। ସାଂସଦ ପ୍ରତିନିଧି ପ୍ରିୟବ୍ରତ ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅନାଥ ଆଶ୍ରମକୁ କମ୍ପ୍ୟୁଟର ପ୍ରଦାନ



ପାରଳାଖେମୁଣ୍ଡି, ୧୮ ।୧୨ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ନବଜୀବନ ଅନାଥ ଓ ବୃଦ୍ଧାଶ୍ରମରେ ରହି ଶିକ୍ଷାଲାଭ କରୁଥିବା ବାଳିକାଙ୍କ ଉଚ୍ଚ ଶିକ୍ଷାକୁ ନଜରରେ ରଖି ଗାୟତ୍ରୀ ଶକ୍ତିପୀଠର ସମାଜସେବୀ ସନ୍ତୋଷ ଗନ୍ତାୟତଙ୍କ ଉପସ୍ଥିତିରେ ସ୍ଥାନୀୟ ଗାୟତ୍ରୀ ମନ୍ଦିର ପରିସରରେ ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡ଼ା ଓ ଜିଲ୍ଲା ଅଦାଲତର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ରଙ୍କ ଦ୍ୱାରା ଛାତ୍ରୀଙ୍କ ଉଚ୍ଚଶିକ୍ଷା ନିମନ୍ତେ କମ୍ପ୍ୟୁଟର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀଙ୍କ ଉପସ୍ଥିତିରେ ଏକ ସଂସ୍କାରମୂଳକ ଯଜ୍ଞାନୁଷ୍ଠାନ କରାଯାଇଥିଲା। ପରେ ଉତ୍ତମ ଚରିତ୍ର ଗଠନ ନିମନ୍ତେ ତଥା ମୋବାଇଲ ଓ କମ୍ପ୍ୟୁଟର ଦୂରୁପଯୋଗ ଉପରେ ଉପସ୍ଥିତ ଛାତ୍ରୀଙ୍କ ସହ ବିଷଦ ଆଲୋଚନା କରାଯାଇଥିଲା। ପରେ ଉପରୋକ୍ତ ଦୁଇ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୁରୀ ଜିଲ୍ଲାର ନିମାପଡ଼ାସ୍ଥିତ ମେଟ୍ ଗ୍ରୁପ୍ ସହଯୋଗରେ କମ୍ପ୍ୟୁଟର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ମାସରେ ମଧ୍ୟ ନୂଆଗଡ଼ ବ୍ଲକ କେରେଡ଼ାଙ୍ଗ ଉଚ୍ଚ ବିଦ୍ୟାଳୟରେ ଏକ ଅନୁରୂପ ସଭା ଆୟୋଜନ କରାଯାଇ ୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନଜରରେ ରଖି କମ୍ପ୍ୟୁଟର ବିତରଣ କରାଯାଇଥିଲା। ବି. ମାଲେଶ୍ୱର ରାଓ, ଶିବ ପ୍ରସାଦ ପଟ୍ଟନାୟକ ଓ ଅବିରଭୂଷଣ ପଣ୍ଡା ସହଯୋଗ କରିଥିଲେ।

## ବିରିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଟିକାବାଲି,୧୮ ।୧୨(ସମିସ): ଚକାପାଦ ବ୍ଲକ ଅନ୍ତର୍ଗତ ବିରିଗାଁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଦୁର୍ଗାମାଧବ ସାହୁଙ୍କ ସଭାପତତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସହରାଞ୍ଚଳ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରବୀଣ କୁମାର ବାଣୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଟିକାବାଲି କଲେଜ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ମୁଖ୍ୟବକ୍ତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନ୍ଦନା ରାଣୀ ସରକାର, ଶିକ୍ଷାବିତ୍ ଗୋକୁଳ ଚନ୍ଦ୍ର ନାୟକ, ସରପଞ୍ଚ ସୁନିତା କହଁର ଏବଂ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଶାନ୍ତିଲତା କହଁର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବାପୁନ ଦିଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସହଯୋଗରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ସହ ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମୋହନାରେ ସଂଖ୍ୟାଲଘୁ ଦିବସ ଓ ପ୍ରାକ୍ ବଡ଼ଦିନ



ମୋହନା, ୧୮ ।୧୨(ସମିସ): ଗଜପତି ଜିଲ୍ଲା ମୋହନା ହାଇସ୍କୁଲ ପଡିଆରେ ବିଶ୍ୱ ସଂଖ୍ୟାଲଘୁ ଦିବସ ଓ ପ୍ରାକ୍ ବଡ଼ଦିନ ପାଳିତ ହୋଇଯାଇଛି। ଗଜପତି, କନ୍ଧମାଳ ଓ ରାୟଗଡା ଜିଲ୍ଲାର ହଜାର ହଜାର ଖ୍ରୀଷ୍ଟଧର୍ମାବଲମ୍ବୀ ମୋହନା ତହସିଲ କାର୍ଯ୍ୟାଳୟ ନିକଟରେ ଏକତ୍ର ହୋଇ ଶୋଭାଯାତ୍ରା ବାହାରି ହାଇସ୍କୁଲ ପଡିଆରେ ପହଞ୍ଚି ଥିଲା। ସେଠାରେ ଯୀଶୁଙ୍କ ନାମରେ ପ୍ରାର୍ଥନା କରି ଖ୍ରୀଷ୍ଟ ମାସ କେକ୍ କାଟି ପରସ୍ପରକୁ ଖୁଆଇଥିଲେ। ଜିଲ୍ଲା ସଭାପତି ରାମ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦକ ରସାନନ୍ଦ ପାଣିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବ୍ରହ୍ମପୁର ଡାଇସର ବିଶପ ଶରତ ଚନ୍ଦ୍ର ନାୟକ, ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ଆରଏସଏସ ସହ ପ୍ରାନ୍ତ ଶାରୀରିକ ପ୍ରଶିକ୍ଷଣ ପ୍ରମୁଖ ଅଶୋକ ରଣଜିତ, ବ୍ଲକ ଅଧ୍ୟକ୍ଷ ରଞ୍ଜିବ ଶବର, ବ୍ରହ୍ମପୁର ପାଳକ ଥିଅପିଲ ନାୟକ, କଟକ ବିଶପ ଡ଼. ସୁରେନ୍ଦ୍ର କୁମାର ନନ୍ଦ, ରେଭ. ଲିଭିଙ୍ଗଷ୍ଟନ ଗମାଙ୍ଗ, ଅବ୍ରହାମ ଗମାଙ୍ଗ, ମୁଖ୍ୟବକ୍ତା ରୟପୁର ବିଶପ ଡ଼. ଜିତୁ ଲିମ୍ମା, ମୋହନା ଫାଦର ଆଇସାକ ନାୟକ, ଆରଏସଏସ ଧର୍ମ ଜାଗରଣ ଜିଲ୍ଲା ସଂଯୋଜକ ପ୍ରଶାନ୍ତ ସୁବୁଦ୍ଧି, ଶିବରାମ ସୁଆରଙ୍କ ସମେତ ବହୁ ଧର୍ମ ଯାଜକ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଉତ୍କଳ ପାଣ ଖ୍ରୀଷ୍ଟିଆନ ସମାଜ ସଭାପତି ଅଭୟ ପରିଚ୍ଛା, ପାଳକ ପ୍ରସନ୍ନ ମାଳି ଓ ସାଗର ବଳିୟାର ସିଂ ପରିଚାଳନା କରିଥିଲେ।

## ବନାଗ୍ନୀ ନିରାକରଣ ସଚେତନତା ଶିବିର




ତୁମୁଡିବନ୍ଧ,୧୮ ।୧୨(ସମିସ): ବାଲିଗୁଡ଼ା ବନଖଣ୍ଡ ତୁମୁଡିବନ୍ଧ ବନାଞ୍ଚଳରେ ଗୁରୁବାର ଦିନିକିଆ ବନାଗ୍ନି ନିରାକରଣ ଜନିତ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଘଞ୍ଚ ଜଙ୍ଗଲ, ସବୁଜ ବନାନୀ, ପାହାଡ଼ ପର୍ବତ ଘେରା ପ୍ରକୃତିରାଣୀ କନ୍ଧମାଳ ଜିଲ୍ଲାର ମୁଖ୍ୟ ସମସ୍ୟା ଜଙ୍ଗଲ ନିଆଁ। ବନବିଭାଗର ଆପ୍ରାଣ ଉଦ୍ୟମ ସତ୍ତ୍ୱେ ମଧ୍ୟ ଏହି ବନାଗ୍ନି ନିୟନ୍ତ୍ରଣ ହେବା କଷ୍ଟସାଧ ହେଉଛି। ଆଗାମୀ ଗ୍ରୀଷ୍ମ ଋତୁ ପୂର୍ବରୁ ଜଙ୍ଗଲକୁ ସୁରକ୍ଷିତ ରଖିବାକୁ ସ୍ଥାନୀୟ ବନବିଭାଗର ଏହା ଏକ ନିଆରା ପ୍ରୟାସ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ଼ିଏଫଓ ଘନଶ୍ୟାମ ମହନ୍ତ, ସମ୍ମାନିତ ଅତିଥି ଭାବେ ତୁମୁଡିବନ୍ଧ ସରପଞ୍ଚ ପ୍ରିୟଙ୍କା ପାତ୍ରା, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଅଗ୍ନିଶମ ବିଭାଗ ଅଧିକାରୀ ଚିତ୍ତରଞ୍ଜନ ସାହୁ ଅଧିକାରୀ, ତୁମୁଡିବନ୍ଧ ବନାଞ୍ଚଳ ଅଧିକାରୀ କାଳୀଚରଣ ବେହେରା, ବେଲଘର ବନାଞ୍ଚଳ ଅଧକାରୀ ବିନୟ କୁମାର ବିଶି, କୋଟଗଡ଼ ବନାଞ୍ଚଳ ଅଧିକାରୀ ବାଲଗୋପାଳ ବେହେରା ଏବଂ ତିନି ବନାଞ୍ଚଳର ବନପାଳ ଏବଂ ବନରକ୍ଷୀ ସାମିଲ ହୋଇଥିଲେ। ସ୍ଥାନୀୟ ବନାଞ୍ଚଳ ଅଧିକାରୀ କାଳୀ ଚରଣ ବେହେରାଙ୍କ ଉଦ୍ୟମରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆଗାମୀ ଦିନରେ କିଭଳି ଜଙ୍ଗଲରେ ନିଆଁ ନ ଲାଗିବ ଏବଂ ଜଙ୍ଗଲ କଟାନଯିବ ସେ ନେଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ବନାଗ୍ନୀ ନିରାକରଣ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଥିଲା।

## ବରିଷ୍ଠ ରାଜନେତାଙ୍କ ପରଲୋକ



ଟିକାବାଲି,୧୮ ।୧୨ (ସମିସ): ଟିକାବାଲି ଅଞ୍ଚଳର ଜଣାଶୁଣା ବରିଷ୍ଠ ରାଜନେତା ବିଜୟ ନାୟକ(୭୯)ଙ୍କ ଶୁକ୍ରବାର ପରଲୋକ ଘଟିଛି। ଫୁଲବାଣୀ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଆଜି ତାଙ୍କର ପରଲୋକ ହୋଇଛି। ସ୍ୱର୍ଗତ ନାୟକ ବିଜୁ ବାବୁଙ୍କ ଜଣେ ଘନିଷ୍ଠ ଅନୁଗାମୀ ଥିଲେ। ସେ ଜନତା ଦଳର ଟିକାବାଲି ବ୍ଲକ ସମ୍ପାଦକ ଏବଂ ଜିଲ୍ଲା ଜନତା ଦଳର ଉପସଭାପତି ଦାୟିତ୍ୱ ତୁଲାଇଥିଲେ। ଏହାଛଡ଼ା ସେ ଟିକାବାଲି ଲ୍ୟାମ୍ପସର ସଭାପତି ଏବଂ ବାଲିଗୁଡ଼ା ଓଡ଼ିଶା ହାଉସିଂ ବୋର୍ଡର ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତିନି ପୁଅ ଓ ଝିଅ ଉପସ୍ଥିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଜୁନିଅର ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ରାୟଗଡ,୧୮ ।୧୨(ସମିସ): ଗଜପତି ଜିଲ୍ଲା ରାୟଗଡ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଗଣ୍ଡାହାତୀରେ ଏକାଦଶତମ ଜିଲ୍ଲା ଜୁନିଅର ରେଡକ୍ରସର ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଜୁନିଅର ରେଡକ୍ରସ ଉପସଭାପତି ତଥା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍. ଗିରିଧାରୀ ଅଧ୍ୟକ୍ଷତା କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ରୂପେ ମନୋଜ କୁମାର ବେହେରା, ମୁଖ୍ୟବକ୍ତା ସିଦ୍ଧାର୍ଥ ଶଙ୍କର ପାଠୀ, ସମ୍ମାନିତ ଅତିଥି ରୂପେ ସରକାରୀ ଉଚ୍ଚ ବିଦ୍ୟାଳୟ ବାପୁଜୀ ପେଣ୍ଠ ର ପ୍ରଫୁଲ୍ଲ ବରାଡ଼, ଗଣ୍ଡାହାତୀ ବିଦ୍ୟାଳୟର ସହକାରୀ ଶିକ୍ଷକ ହେମନ୍ତ ପାଇଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଜୁନିଅର ରେଡକ୍ରସ ସମ୍ପାଦକ ସୁରେନ୍ଦ୍ର କୁମାର ପାତ୍ର, ଜିଲ୍ଲା ଜୁନିଅର ରେଡକ୍ରସ ସହସମ୍ପାଦକ ସିଦ୍ଧାର୍ଥ ଶଙ୍କର ପାଠୀ, ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ସଂଜୀବ କୁମାର ଦାସ, ଜିଲ୍ଲା ସମ୍ବଳସାଧନ କର୍ମୀ ମୁକ୍ତିକାନ୍ତ ମଲ୍ଲିକ୍, ରାୟଗଡ ବ୍ଲକ ସଂଯୋଜକ ନୀତେଶ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୫୦ ଜଣ ଜୁନିଅର ଏବଂ ୧୭୦ ଜଣ ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ଜୁନିଅର ରେଡକ୍ରସ ତରଫରୁ ବିଦ୍ୟାଳୟ ରେ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରିଚାଳନା କରିଥିଲେ।

## ଅସହାୟ ଅଭିମନ୍ୟୁଙ୍କୁ ସହାୟତା ଦାବି

ଜି.ଉଦୟଗିରି /ଟିକାବାଲି, ୧୮ ।୧୨ (ସମିସ): ଟିକାବାଲି ବ୍ଲକ ଗାଡ୍ରିଙ୍ଗିଆ ପଞ୍ଚାୟତ କୁବୁରୁମାହା ଗ୍ରାମର ୬୯ ବର୍ଷୀୟ ଅସହାୟ ଦିବ୍ୟାଙ୍ଗ ବୃଦ୍ଧ ଅଭିମନ୍ୟୁ ପ୍ରଧାନ। ଦୀର୍ଘମାସ ହେଲା ସେ ଶଯ୍ୟାଶାୟୀ ଅବସ୍ଥାରେ ପଡ଼ି ରହିଛନ୍ତି। ତାଙ୍କର ଗୋଡ଼ ହାତ ଓ ଅଣ୍ଟା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ତାଙ୍କର ଉନ୍ନତମାନର ଚିକିତ୍ସା ପାଇଁ କିମ୍ବା ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ତାଙ୍କ ବୃଦ୍ଧା ସ୍ତ୍ରୀ ମଧ୍ୟ ଅକ୍ଷମ। ଜିଲ୍ଲା ପ୍ରଶାସନ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ଅସହାୟ ପରିବାରକୁ



ସ୍ୱତନ୍ତ୍ର ଏକ ମେଡ଼ିକାଲ ଟିମ୍ ପଠେଇ ଅସହାୟ ବୃଦ୍ଧଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବା ସହିତ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଓ ଟ୍ରାଇ ସାଇକଲ ଯୋଗାଇ ଦେବା ନିମନ୍ତେ ବିନମ୍ର ସୋସିଆଲ ୱାର୍କର୍ସ ଆସୋସିଏସନ୍ ଅଫ କନ୍ଧମାଳ, ସ୍ୱାକ୍ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯାଇଛି।

### ଆମ୍ବେଦକର ଛକ ବିଶ୍ରାମଗୃହରେ ୮ ମାସ ହେଲା ତାଲା

# ଯନ୍ତ୍ରୀ-ଠିକାଦାର କଳିରେ ବଳି ପଡୁଛନ୍ତି ଯାତ୍ରୀ

ତୁମୁଡିବନ୍ଧ,୧୮ ।୧୨(ସମିସ)



## ଶୌଚ ପାଇଁ ନାହିଁ ନଥିବା ହୀନସ୍ତା ହେଉଛନ୍ତି ମହିଳା ଓ ଛାତ୍ରୀ

ତୁମୁଡିବନ୍ଧ ବ୍ଲକ ଆମ୍ବେଦକର ଛକ ବର୍ତ୍ତମାନ ଅବ୍ୟବସ୍ଥା ଘେରରେ ରହିଛି। ଆମ୍ବେଦକର ଛକର ବିଶ୍ରାମଗୃହ ନିକଟରେ ଯାତ୍ରୀଙ୍କ ନିମନ୍ତେ ପ୍ରଶାସନ ତରଫରୁ ୩ ଲକ୍ଷ ଟଙ୍କା ବ୍ୟୟରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ନିର୍ମାଣ ଶେଷ ହେବାର ୮ ମାସ ବିତିଥିଲେ ହେଁ ଏଠାରେ ଝୁଲୁଛି ତାଲା। ଆମ୍ବେଦକର ଛକ ହେଉଛି ଅଞ୍ଚଳର ଏକ ଜନବହୁଳ ପୂର୍ଣ୍ଣ ଛକ। ଏହି ଛକର ଗୋଟିଏ ପାଶ୍ୱର୍ ଫୁଲବାଣୀ, ଭୁବନେଶ୍ୱର ଓ ବ୍ରହ୍ମପୁର ଅନ୍ୟ ପାଶ୍ୱର୍ରେ କୋଟଗଡ, ମୁନିଗୁଡ, ରାୟଗଡା, ଆମ୍ବାଦଳା, ଗୁଣୁପୁର ଓ ତୃତୀୟ ପାଶ୍ୱର୍ରେ ରାମପୁର, ଭବାନୀପାଟଣା, ବଲାଙ୍ଗୀର, କେସିଙ୍ଗା, ଟିଟିଲାଗଡ଼କୁ ସଂଯୋଗ କରୁଛି। ଏହି ଛକ ଦେଇ ପାଖାପାଖି ୧୫ରୁ ଉର୍ଦ୍ଧ୍ୱ ଭଲଭୋ ବସ୍ ଯାତାୟାତ କରୁଥିବାବେଳେ ବ୍ଲକ ମୁଖ୍ୟାଳୟରୁ ଗ୍ରାମାଞ୍ଚଳକୁ ସଂଯୋଗ କରିବାକୁ ୫ରୁ ଅଧିକ ବସ୍ ଚଳାଚଳ କରୁଛି। ଯାତ୍ରୀ ବସରୁ ଓହ୍ଲାଇବା ପରେ ଅନ୍ୟ ବସ୍ ପାଇଁ ଅପେକ୍ଷା କରିଥାଆନ୍ତି। କିନ୍ତୁ ଆଠ ମାସ ହେବ ଅଚଳରେ ଶୌଚାଳୟ ଅବ୍ୟବହୃତ ହୋଇ ରହିଛି। ଆମ୍ବେଦକର ଛକରେ ଯାତ୍ରୀଙ୍କ ସୁବିଧା ନିମନ୍ତେ ଦୋକାନ, ବିଶ୍ରାମାଗୃହ, ପିଇବା ନିମନ୍ତେ ବିଶୁଦ୍ଧ ଜଳର ବ୍ୟବସ୍ଥା କରାଯାଇଛି। ହେଲେ ୩ ଲକ୍ଷ ବ୍ୟୟରେ ନିର୍ମାଣ ହେଇଥିବା ଶୌଚାଳୟ ଯାତ୍ରୀଙ୍କ କାମରେ ଆସୁନି। ଏହି ଛକ ନିକଟରେ କଲେଜର ଛାତ୍ରଛାତ୍ରୀ ସମେତ ତୁମୁଡିବନ୍ଧ ବଜାରକୁ ଦୂରଦୂରାନ୍ତରରୁ ଆସୁଥିବା ଯାତ୍ରୀ ଘରକୁ ଫେରିବା ନିମନ୍ତେ ବସ୍‌କୁ ଅପେକ୍ଷା କରନ୍ତି। ଏଭଳି ସ୍ଥିତିରେ ପରିସ୍ରା ଲାଗିଲେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଯାତ୍ରୀ। କାର୍ଯ୍ୟ ନିର୍ମାଣ ସରିବାପରେ ମଧ୍ୟ ଶୌଚାଳୟରେ ତାଲା ଝୁଲିବା ଏକପ୍ରକାରର ପ୍ରଶାସନର ବିଫଳତାକୁ ଦର୍ଶାଉଛି। କେଉଁ କାରଣରୁ, କାହା ସ୍ୱାର୍ଥ ପାଇଁ ଓ କାହା ଚାପରେ ସାଧାରଣ ଜନତାଙ୍କ ପାଇଁ ନିର୍ମାଣ ହୋଇଥିବା ଶୌଚାଳୟ କାମ ସରିବାପରେ ମଧ୍ୟ ତାଲା ଝୁଲି ରହିଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାଟିତୁଣ୍ଡ ହୋଇଛି। ଯେଉଁଥିପାଇଁ ଠିକାଦାର ତାଲା ଖୋଲିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଠିକାଦାର ଓ ଯନ୍ତ୍ରୀଙ୍କ କଳିରେ ସିଧାସଳଖ ଭାବେ ଦୁର୍ଦ୍ଦଶାର ଶିକାର ହେଉଛନ୍ତି ସାଧାରଣ ଜନତା ଓ ମହିଳା। ଅନ୍ୟପକ୍ଷରେ ଶୌଚାଳୟ ଅପରପାଶ୍ୱର୍ରେ ଯାତ୍ରୀ ପରିସ୍ରା କରୁଛନ୍ତି। ଏଥିଯୋଗୁଁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଥିବା କୁହାଯାଇଛି।

